# NATIONAL NEWS BULLETIN (ODIA)

## 4 January-2025

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀଠାରେ ଗ୍ରାମୀଣ ଭାରତ ମହୋତ୍ସବକୁ ଆଜି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଓ ମାଳଦୀପ ପ୍ରତିପକ୍ଷଙ୍କ ମଧ୍ୟରେ ନୂଆଦିଲ୍ଲୀଠାରେ ଦ୍ୱିପାକ୍ଷିକ ଆଲୋଚନା ଅନୁଷ୍ଠିତ ।
- ଚଳିତବର୍ଷ ଗ୍ରାମାଞ୍ଚଳଗୁଡ଼ିକୁ ଦାରିଦ୍ର୍ୟମୁକ୍ତ କରିବାକୁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ, କହିଲେ କୃଷିମନ୍ତ୍ରୀ
- ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଗତକାଲିର ଖେଳରେ ତାମିଲନାଡୁ ଡ୍ରାଗନ୍ସ ବିଜୟୀ

ଏବଂ

- ସିଡ୍‌ନୀ ଟେଷ୍ଟରେ ଅଷ୍ଟ୍ରେଲିଆର ପ୍ରଥମ ଇନିଂସ୍ ବ୍ୟାଟିଂ ଜାରି ।

# ପିଏମ୍-ଗ୍ରାମୀଣ ମହୋତ୍ସବ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀଠାରେ ଗ୍ରାମୀଣ ଭାରତ ମହୋତ୍ସବ-୨୦୨୫କୁ ଉଦଘାଟନ କରିବେ । ଗ୍ରାମୀଣ ଭିତ୍ତିଭୂମି ବୃଦ୍ଧି, ଆତ୍ମନିର୍ଭରଶୀଳ ଅର୍ଥନୀତି ସୃଷ୍ଟି ଏବଂ ଗ୍ରାମୀଣ ସମୁଦାୟ ମଧ୍ୟରେ ଅଭିନବତାକୁ ପ୍ରୋତ୍ସାହିତ କରିବା ଏହି ମହୋତ୍ସବ ପାଳନର ଉଦ୍ଦେଶ୍ୟ ବୋଲି ଆମ ପ୍ରତିନିଧି ଜଣାଇଛନ୍ତି ।

ଦେଶର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରଚାର ଏବଂ ପ୍ରସାର କରିବାରେ ଏହି ମହୋତ୍ସବ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ।

୬ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବର ବିଷୟବସ୍ତୁ ରହିଛି **୨୦୪୭ ବିକଶିତ ଭାରତ ଗଠନ ପାଇଁ ସଶକ୍ତ ଗ୍ରାମୀଣ ବ୍ୟବସ୍ଥା ।** ଉଦ୍ୟୋଗ ମାଧ୍ୟମରେ ଗ୍ରାମୀଣ ମହିଳାଙ୍କୁ ସଶକ୍ତ କରିବା ଏହି ମହୋତ୍ସବ ପାଳନର ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ । ବିଭିନ୍ନ କ୍ଷେତ୍ରର ସରକାରୀ ଅଧିକାରୀ, ଗ୍ରାମୀଣ ଉଦ୍ୟୋଗୀ, କାରିଗର ଏବଂ ଅଂଶୀଦାରମାନଙ୍କୁ ଏକାଠି କରି ସହଯୋଗୀ ଓ ସାମୂହିକ ଗ୍ରାମୀଣ ପରିବର୍ତ୍ତନ ପାଇଁ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯିବ । ଉତ୍ତର-ପୂର୍ବ ଭାରତ ଉପରେ ଅଧିକ ଧ୍ୟାନ କେନ୍ଦ୍ରୀଭୂତ କରିବା ସହ ଗ୍ରାମବାସୀଙ୍କ ମଧ୍ୟରେ ଅର୍ଥନୈତିକ ସ୍ଥିରତା ଓ ଆର୍ଥିକ ନିରାପତ୍ତାକୁ ପ୍ରୋତ୍ସାହନ ପ୍ରଦାନ କରିବାରେ ଏହି ମହୋତ୍ସବ ବିଶେଷ ସହାୟକ ହେବ ।

# ପିଏମ୍-କୋନେରୁହମ୍ପି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚେସ୍ ଚମ୍ପିୟାନ୍ କୋନେରୁହମ୍ପି ଓ ତାଙ୍କ ପରିବାରବର୍ଗଙ୍କ ସହ  ନୂଆଦିଲ୍ଲୀରେ ସାକ୍ଷାତ ଆଲୋଚନା କରିଚନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କୋନେରୁହମ୍ପିଙ୍କୁ ଜଣେ କ୍ରୀଡ଼ା ଆଇକନ ଏବଂ କ୍ରୀଡ଼ାପ୍ରେମୀଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଛନ୍ତି । ତାଙ୍କର ଚିନ୍ତାଧାରା ଏବଂ ସଂକଳ୍ପ ଅତ୍ୟନ୍ତ ସ୍ୱଷ୍ଟ । କୋନେରୁହମ୍ପିଙ୍କ ପାଇଁ ଦେଶ ଆଜି ଗର୍ବିତ ଏବଂ ଶ୍ରେଷ୍ଠତା କ'ଣ ତାହା  ତାଙ୍କ କ୍ରୀଡ଼ାରେ ପ୍ରତିପାଦନ କରିଛନ୍ତି ।

ସୂଚନାଯୋଗ୍ୟ କୋନରୁହମ୍ପି ହେଉଛନ୍ତି ମହିଳା ବିଶ୍ୱ ଚେସ୍ ଚମ୍ପିୟାନସିପର ଉପବିଜେତା ଏବଂ ଗତ ୨ଥର ମହିଳା ବିଶ୍ୱ ର୍‍ୟାପିଡ୍ ଚେସ୍ ଚମ୍ପିୟାନ୍ ବିଜୟିନୀ । ନିକଟରେ ସେ  ନିଉୟର୍କରେ ଦ୍ୱିତୀୟଥର ପାଇଁ ବିଶ୍ୱ ର୍‍ୟାପିଡ୍ ଚେସ୍ ଟାଇଟଲ୍ ହାସଲ କରିଛନ୍ତି । ୨୦୧୯ରେ ସେ ପ୍ରଥମଥର ପାଇଁ ଟାଇଲଟ୍ ବିଜୟୀ ହୋଇଥିଲେ ।

# ଜୟଶଙ୍କର-ମାଲଦୀପ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏବଂ ମାଲଦୀପ ପ୍ରତିପକ୍ଷ ଡକ୍ଟର ଅବଦୁଲ୍ଲା ଖଲିଲଙ୍କ ମଧ୍ୟରେ ଗତକାଲି ନୂଆଦିଲ୍ଲୀଠାରେ ଦ୍ୱିପାକ୍ଷିକ ଆଲୋଚନା ହୋଇଛି । ଭାରତ' ମାଲଦୀପ ସହିତ ସଂପର୍କକୁ ଅଧିକ ସୁଦୃଢ଼ କରିବାକୁ ଗୁରୁତ୍ୱ ଦେଉଛି ବୋଲି ଡକ୍ଟର

ଜୟଶଙ୍କର କହିଛନ୍ତି । ପଡ଼ୋଶୀ ପ୍ରଥମ ନୀତି ଏବଂ ଭିଜନ ସାଗର ଅଧୀନରେ ମାଳଦୀପକୁ ନିରନ୍ତର ସମର୍ଥନ ଜାରି ରଖିବାକୁ ଡକ୍ଟର ଜୟଶଙ୍କର ଏହି ଅବସରରେ ପ୍ରତିଶ୍ରୁତି ଦେଇଛନ୍ତି ।

ମାଳଦୀପ ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୁଇଜୁଙ୍କ ଗତ ଅକ୍ଟୋବର ମାସରେ ଭାରତ ଗସ୍ତ ଅବସରରେ ହୋଇଥିବା ବୁଝାମଣାର ଅଗ୍ରଗତି ନେଇ ମଧ୍ୟ ଦୁଇନେତା ସମୀକ୍ଷା କରିଛନ୍ତି । ମାଳଦୀପ ବୈଦେଶିକ ମନ୍ତ୍ରୀ ଡକ୍ଟର ଖଲିଲ  ଭାରତର ସହାୟତାକୁ ଉଲ୍ଲେଖ କରିବା ସହ ଜରୁରୀକାଳୀନ ଆର୍ଥିକ ସହଯୋଗର ଉଚ୍ଚ ପ୍ରଶଂସା କରିଛନ୍ତି । ଦୁଇଦେଶ ମଧ୍ୟରେ ବ୍ୟାପକ ଅର୍ଥନୈତିକ ଓ ସାମୁଦ୍ରିକ ନିରାପତ୍ତା ଭାଗିଦାରିତାକୁ ସାକାର କରିବା ଲକ୍ଷ୍ୟରେ ମିଳିତ ଭାବେ କାର୍ଯ୍ୟ କରିବା ଉପରେ ମାଳଦୀପର ପ୍ରତିବଦ୍ଧତାକୁ ଡକ୍ଟର ଖଲିଦ ଦୋହରାଇଛନ୍ତି । ମାଳଦୀପରେ ତୃତୀୟ ପର୍ଯ୍ୟାୟ ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟକାରୀ ନେଇ ଦୁଇଦେଶ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ଜଣାପଡ଼ିଛି ।

## ଜେକେ-ସ୍ପେଶାଲ୍ ଟ୍ରେନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୬ ତାରିଖ ସୋମବାର ଦିନ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଜାମ୍ମୁ-ରେଲୱେ ଡିଭିଜନ୍‌ର ଲୋକାର୍ପଣ କରିବେ ।

ଆମ ସମ୍ବାଦଦାତା ଜଣାଇଛନ୍ତି, ଜାମ୍ମୁ ରେଳ ଡିଭିଜନ୍ ଅଧୀନରେ ୫ଟି ସେକ୍‌ସନ୍ ରହିବ । ଏହି ୫ଟି ସେକ୍‌ସନ୍‌ର ମୋଟ୍ ଦୈର୍ଘ୍ୟ ହେଉଛି

୭୪୨ ଦଶମିକ୍ ୧ କିଲୋମିଟର । ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହାର ମୁଖ୍ୟାଳୟ ଜାମ୍ମୁରେ ରହିବ । ବର୍ତ୍ତମାନ ଦେଶରେ ୧୭ଟି ରେଳ ଜୋନ୍ ଅଧୀନରେ ୬୮ଟି ରେଳ ଡିଭିଜନ୍ କାର୍ଯ୍ୟ କରୁଛି । ଜାମ୍ମୁ ୬୯ତମ ଡିଭିଜନ୍ ଭାବେ କାର୍ଯ୍ୟ କରିବ ।
ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆସନ୍ତାକାଲି କାଶ୍ମୀର ରେଳ ପ୍ରକଳ୍ପ ଅନ୍ତର୍ଗତ ଶ୍ରୀନଗର ରେଳଷ୍ଟେସନ୍ ଏବଂ ଉଧମପୁର-ଶ୍ରୀନଗର-ବାରମୁଲା ରେଳ ସଂଯୋଗ ସେକ୍ସେନ୍ ନିରିକ୍ଷଣ କରିବାର କାର୍ଯ୍ୟସୂଚୀ ରହିଛି । ଶ୍ରୀ ବୈଷ୍ଣବ ସ୍ୱତନ୍ତ୍ର ଟ୍ରେନ୍‌ରେ ଶ୍ରୀନଗରରୁ ଜାମ୍ମୁ ଅଭିମୁଖେ ଯାତ୍ରା କରି ରେଳ ଲାଇନ୍‌ର ସମୀକ୍ଷା କରିବେ ବୋଲି ଜଣାପଡ଼ିଛି ।

# ଚୌହାନ ମିଟିଂ

କୃଷି ଏବଂ କୃଷକ କଲ୍ୟାଣ ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଚଳିତବର୍ଷ ଗ୍ରାମାଞ୍ଚଳଗୁଡ଼ିକୁ ଦାରିଦ୍ର୍ୟମୁକ୍ତ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି । ନୂଆଦିଲ୍ଲୀଠାରେ ଗତକାଲି ଏକ ସମୀକ୍ଷା ବୈଠକରେ ଯୋଗଦେଇ ଶ୍ରୀ ଚୌହାନ' ରାଷ୍ଟ୍ର ନିର୍ମାଣରେ ଗ୍ରାମାଞ୍ଚଳର ଭୂମିକା ଉପରେ ଆଲୋକପାତ କରିଥିଲେ । ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କ ସହ ଏହି ବୈଠକରେ ବିଭିନ୍ନ ଯୋଜନା ନେଇ ମନ୍ତ୍ରୀ ଶ୍ରୀ ଚୌହାନ ଆଲୋଚନା କରିଥିଲେ । ସାଧାରଣ ଲୋକଙ୍କ ଆଶା ଓ ଆକାଂକ୍ଷା ପୂରଣ କରିବାରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଗତବର୍ଷ ଜୁନ୍

ମାସରୁ ମନରେଗା ଯୋଜନାରେ ୧୩୬ କୋଟି ଶ୍ରମଦିବସ ସୃଷ୍ଟି କରାଯାଇଥିଲା ବୋଲି ଶ୍ରୀ ଚୌହାନ ସୂଚନା ଦେଇଛନ୍ତି । ରାଜ୍ୟଗୁଡ଼ିକରେ ଗ୍ରାମାଞ୍ଚଳ ଭିତ୍ତିଭୂମି ନିର୍ମାଣ ସଂକ୍ରାନ୍ତ ବିଭିନ୍ନ ଯୋଜନା ପାଇଁ କେନ୍ଦ୍ର ସରକାର ୫୦ ହଜାର ୪୬୭ କୋଟି ଟଙ୍କା ପ୍ରଦାନ କରିଥିବା ମନ୍ତ୍ରୀ ଶ୍ରୀ ଚୌହାନ କରିଛନ୍ତି । ଗତ ୧୦ବର୍ଷ ମଧ୍ୟରେ ଆବାସ ଯୋଜନାରେ ଗ୍ରାମାଞ୍ଚଳରେ ୩ କୋଟି ୪୫ ଲକ୍ଷ ଘର ନିର୍ମାଣ କରାଯାଇଛି । ନୂତନ ପରିବାରଗୁଡ଼ିକୁ ଚିହ୍ନଟ କରି ଏହି ଯୋଜନାରେ ସାମିଲ କରିବାକୁ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ଶ୍ରୀ ଚୌହାନ ସୂଚନା ଦେଇଛନ୍ତି ।

## ଜିତେନ୍ଦ୍ର-ଡିଏସ୍ଆଇଆର ଫାଉଣ୍ଡେସନ

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ନୂଆଦିଲ୍ଲୀଠାରେ ଆଜି ଅନୁଷ୍ଠିତ ହେବାକୁ ଥିବା ବୈଜ୍ଞାନିକ ଓ ଶିଳ୍ପ ଗବେଷଣା ବିଭାଗ-ଡିଏସ୍ଆଇଆର୍ ର ୪୦ତମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେବେ । ବୈଜ୍ଞାନିକ ଓ ଶିଳ୍ପ ଗବେଷଣା ପରିଷଦ-ସିଏସ୍ଆଇଆର୍ ଏବଂ ଲଘୁ ଉଦ୍ୟୋଗ ଭାରତୀ ମଧ୍ୟରେ ପ୍ରଯୁକ୍ତି ବିଦ୍ୟା ଆଦାନ ପ୍ରଦାନ ଏହି ସମାରୋହର ମୁଖ୍ୟ ଲକ୍ଷ୍ୟ । ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଶିଳ୍ପ ଗବେଷଣା ଏବଂ ଉଦ୍ଭାବନକୁ ତ୍ୱରାନ୍ୱିତ କରିବା, ଆଭ୍ୟନ୍ତରୀଣ ଗବେଷଣା ଓ ବିକାଶ କେନ୍ଦ୍ର, ବୈଜ୍ଞାନିକ ଓ ଶିଳ୍ପ ଗବେଷଣା ସଂଗଠନ ତଥା ଗବେଷଣା ଇକୋ ସିଷ୍ଟମକୁ ସୁଦୃଢ଼ କରୁଥିବା ସରକାରୀ

ଅନୁଦାନପ୍ରାପ୍ତ ଅନୁଷ୍ଠାନଗୁଡ଼ିକୁ ସ୍ୱୀକୃତି ପ୍ରଦାନ ଦିଗରେ ଗବେଷଣା ବିଭାଗର ଭୂମିକାକୁ ସମ୍ମାନ ପ୍ରଦର୍ଶନ କରିବା ଏହି ସମାରୋହ ପାଳନର ଉଦ୍ଦେଶ୍ୟ ।

# ଶିବରାଜ-ଫାର୍ମର୍ସ୍

କୃଷକମାନେ ଚାଷ କ୍ଷେତ୍ରରେ ସହୁଥିବା କ୍ଷତି ପରିମାଣ ଏବଂ ଶସ୍ୟ ବୀମା ପାଉଥିବା ସହାୟତା ରାଶି ମଧ୍ୟରେ ସମନ୍ୱୟ ରକ୍ଷା କରିବା ଲାଗି ଏଣିକି ସାଟେଲାଇଟ୍ ମାଧ୍ୟମରେ କ୍ଷୟକ୍ଷତିର ଆକଳନ କରାଯିବ । ନାସିକ୍ ଠାରେ ଯଶବନ୍ତ ରାଓ ଚୌହାନ୍ ମହାରାଷ୍ଟ୍ର ମୁକ୍ତ ବିଶ୍ୱବିଦ୍ୟାଳୟର କୃଷି ବିଜ୍ଞାନ କେନ୍ଦ୍ର ଠାରେ ଆୟୋଜିତ ଏକ କୃଷକ ସମାରୋହରେ ଯୋଗଦେଇ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହା କହିଛନ୍ତି ।

କଳାବଜାରି ରୋକିବା ଲାଗି ରାଜ୍ୟ ସରକାରମାନେ ଉପଯୁକ୍ତ ପଦକ୍ଷେପ ନେବା ଉପରେ ଶ୍ରୀ ଚୌହାନ ଗୁରୁତ୍ୱାରୋପ କରିଛନ୍ତି । କୃଷି ମନ୍ତ୍ରୀ କହିଛନ୍ତି, ଚାଷୀ ନିଜର ଉତ୍ପାଦ ଅନ୍ୟ ରାଜ୍ୟରେ ବିକ୍ରି କରିବାକୁ ଇଚ୍ଛା ପ୍ରକାଶ କରିବା କ୍ଷେତ୍ରରେ ପରିବହନ ଖର୍ଚ୍ଚ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ବହନ କରିବା ଉଚିତ । ଚାଷୀମାନେ ବିଭିନ୍ନ ସମୟରେ ସମ୍ମୁଖୀନ ହେଉଥିବା ସମସ୍ୟା ଗୁଡ଼ିକ ପ୍ରତି କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ସଚେତନ ରହିବା ସହ ଏହାର ପ୍ରତିକାର ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି କୃଷି ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି ।

# ଫୁଟବଲ

ଇଣ୍ଡିଆନ୍ ସୁପର୍ ଲିଗ୍ ଫୁଟବଲ ପ୍ରତିଯୋଗିତାରେ ଆଜି ଭୁବନେଶ୍ୱରଠାରେ ଓଡ଼ିଶା ଏଫ୍‌ସି ଏବଂ ଏଫ୍‌ସି ଗୋଆ ମଧ୍ୟରେ ମୁକାବିଲା ହେବ । ଓଡ଼ିଶା ଏଫ୍‌ସି ର ଏହା ୧୪ତମ ମ୍ୟାଚ୍ ହେବ । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅପରାହ୍ଣ ୫ଟାରେ ଏହି ମ୍ୟାଚ୍ ଖେଳାଯିବ । ଚେନ୍ନାଇଠାରେ ଆଜିର ଦ୍ୱିତୀୟ ମ୍ୟାଚ୍ ଜାମସେଦପୁର ଏଫ୍‌ସି ଏବଂ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହେବ ।

ଗୁଆହାଟୀଠାରେ ଗତକାଲି  ମହମ୍ମଦିଆନ୍ ସ୍ପୋର୍ଟିଂ କ୍ଲବ ଏବଂ ନର୍ଥ-ଇଷ୍ଟ୍ ୟୁନାଇଟେଡ୍ ଏଫ୍‌ସି ମଧ୍ୟରେ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି ।

# ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ତାମିଲନାଡୁ ଡ୍ରାଗନ୍ସ ବିଜୟୀ ହୋଇଛି । ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ତାମିଲନାଡୁ ଡ୍ରାଗନ୍ସ ଓ ବେଦାନ୍ତ କଳିଙ୍ଗ ଲାନ୍‌ସର୍ସ ମଧ୍ୟରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ନିର୍ଦ୍ଧାରିତ ସମୟରେ ୨-୨ ଗୋଲ୍‌ରେ ଖେଳ ଅମୀମାଂସିତ ଭାବେ ଶେଷ ହୋଇଥିଲା । ସୁଟ୍‌ଆଉଟ୍ ଜରିଆରେ ତାମିଲନାଡୁ’ କଳିଙ୍ଗକୁ ୬-୫ ଗୋଲ୍‌ରେ ପରାସ୍ତ କରିଥିଲା ।

ଆଜି ଦିଲ୍ଲୀ ଏସ୍‌ଜି ପାଇପର୍ସ ଏବଂ ଶ୍ରଚୀ ରାହା ବେଙ୍ଗଲ ଟାଇଗର୍ସ ମଧ୍ୟରେ ସନ୍ଧ୍ୟା ୬ଟାରେ ମୁକାବିଲା ହେବାକୁ ଥିବା ବେଳେ ରାତି ୮ଟା ୧୫ ମିନିଟ୍‌ରେ ହାଇଦ୍ରାବାଦ ତୁଫାନ୍ସ ଏବଂ ଗୋନାସିକା ଦଳ ପରସ୍ପରକୁ ଭେଟିବେ ।

# କ୍ରିକେଟ୍

ସିଡ୍‌ନୀ ଟେଷ୍ଟ୍‌ରେ ଅଷ୍ଟ୍ରେଲିଆର ପ୍ରଥମ ଇନିଂସ ବ୍ୟାଟିଂ ଜାରି ରହିଛି । ସମ୍ବାଦ ପ୍ରସ୍ତୁତ ହେବାବେଳକୁ ଅଷ୍ଟ୍ରେଲିଆ ୫ ଓ୍ୱିକେଟ୍ ବିନିମୟରେ ୯୬ ରନ୍ ସଂଗ୍ରହ କରିଥିଲା । ଆଜିର ଦ୍ୱିତୀୟ ଦିନର ଖେଳ ଅଷ୍ଟ୍ରେଲିଆ ଗତକାଲିର ଅମୀମାଂସିତ ପ୍ରଥମ ଇନିଂସ ୧ ଓ୍ୱିକେଟ୍ ୯ ରନ୍‌ରୁ ଆରମ୍ଭ କରିଥିଲା । ଭାରତ ପକ୍ଷରୁ ଯଶ୍‌ପ୍ରୀତ୍ ବୁମ୍‌ରା ଓ ମହମ୍ମଦ ଶିରାଜ ଦୁଇଟି ଲେଖାଏଁ ଓ୍ୱିକେଟ୍ ଅକ୍ତିଆର କରିଥିବା ବେଳେ ପ୍ରସିଦ୍ଧ କ୍ରିଷ୍ଣା ଗୋଟିଏ ଓ୍ୱିକେଟ୍ ହାସଲ କରିଛନ୍ତି । ଭାରତ ପ୍ରଥମ ଇନିଂସରେ ସମସ୍ତ ଓ୍ୱିକେଟ୍ ହରାଇ ୧୮୫ ରନ୍ ସଂଗ୍ରହ କରିଥିଲା ।